ବାଲି ବୋଝେଇ ହାଇୱା ଧକ୍କାରେ ମହିଳା ମୃତ

॥ ପ୍ରଭାନ୍ୟୁଜ ॥ ଯାଜପୁର ସଦର, ୨୧: ଶନିବାର ସକାଳ ୯ଘଟିକା ସମୟରେ ଯାଜପୁର ସଦରଥାନା ଅନ୍ତର୍ଗତ ବରମୁଣ୍ଡା ଛକ ନିକଟରେ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବେଲଗଡ଼ିଆ ଗ୍ରାମର ତପନ ସାହୁଙ୍କ ସ୍ତ୍ରୀ କଲ୍ୟାଣୀ (୪୨) ହୋଇଥିବା ବେଳେ ଦଂପତି ଭଡ଼ାରେ ରହୁଥିବା କୁଆଖିଆ ନିକଟସ୍ଥ ଓରାଳି ଗ୍ରାମରୁ ଓଡ଼ି୦୪କେ-୭୮୭୬ ସ୍କେଣ୍ଡର ମଟର ସାଇକେଲ ଯୋଗେ ଗାଁକୁ ଯାଉଥିଲେ । କୁଆଖିଆରୁ ଯାଜପୁର ସଦର ମହକୁମା ୨୦ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ବେଳେ ବରମୁଣ୍ଡା ବରମୁଣ୍ଡା ଛକ ନିକଟରେପଛରୁ ଦ୍ରୁତ ଗତିରେ ଯାଉଥିବା ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା । ଫଳରେ କଲ୍ୟାଣୀ ତଳେ ପଡ଼ିଯିବା ପରେ ହାଇୱା

ତାଙ୍କ ଗୋଡ଼ ଉପରେ ଚଢିଯାଇଥିଲା । ହାଇୱାଟି ପ୍ରାୟ ୨୦ମିଟର ପର୍ଯ୍ୟନ୍ତ ତାଙ୍କୁ ଘୋଷାଡି ନେଇଥିଲା । ଫଳରେ କଲ୍ୟାଣୀ ଗୁରୁତର ହୋଇପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମାତ୍ର ସେଠାରେ ଡାକ୍ତର କଲ୍ୟାଣୀଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସଦର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଘଟଣାସ୍ଥଳରେ ପହଁଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ଥାନାକୁ ନେଇଯାଇଥିଲେ । ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଫେରାର ଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଏଠାରେ ପ୍ରକାଶ କରାଯାଉଛି କି ଏହି ରାସ୍ତାର ବରୁଆଁ ଛକ ଠାରୁ ବୁଢ଼ା ଘାଟ ମଧ୍ୟରେ ବେପରୁଆ ଚୋରା ବାଲି ବୋଝେଇ କରି ଦ୍ରୁତ ଗତିରେ ଯା'ଆସ କରୁଥିବା ହାଇୱା ଧକ୍କାରେ ବର୍ଷକୁ ୧୦ଜଣରୁ ପ୍ରାଣହାନି ହେବା ସହ ବହୁ ବ୍ୟକ୍ତି ଦୁର୍ଘଟଣାରେ ଅକର୍ମଣ୍ୟ ହୋଇ କାଳାତିପାତ କରୁଛନ୍ତି ।

ସୂଚନା ଅଧିକାର ଆଇନ୍‌କୁ ବେଖାତିର୍; ନଗର ଉନ୍ନୟନ ବିଭାଗକୁ କମିଶନଙ୍କ ତାଗିଦ୍

॥ ପ୍ରଭାନ୍ୟୁଜ ॥ ଆନନ୍ଦପୁର, ୨୧: ସୂଚନା ଅଧିକାର ଆଇନ୍‌କୁ ବେଖାତିକୁ ସୂଚନା କମିଶନ ଗୁରୁତର ସହନେଇନଗର ଉନ୍ନୟନ ବିଭାଗକୁ ତାଗିଦ କରିଛନ୍ତି । ସୂଚନା ଅନୁଯାୟୀ ଆନନ୍ଦପୁର ପୌରପରିଷଦ ୭ନଂ ୱାର୍ଡ଼ର ସୂଚନା କର୍ମୀ ଗଣେଶ୍ୱର ମହାନ୍ତି ସୂଚନା ଅଧିକାର ଆଇନ ବଳରେ ପୌରପାଳିକାର ବିଭିନ୍ନ ଯୋଜନାର ଉନ୍ନତି ମୂଳକ କାର୍ଯ୍ୟ ସହିତ ଅନ୍ୟାନ୍ୟ ତଥ୍ୟ ଜାଣିବା ପାଇଁ ଆନନ୍ଦପୁର ପୌର କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ମାତ୍ର ଠିକ୍ ସମୟରେ ତଥ୍ୟ ନପାଇବାରୁ ଆବେଦନକାରୀ ପ୍ରଥମେ ଅପିଲ କରିଥିଲେ । ମାତ୍ର କୌଣସି ଉତର ନମିଳିବାରୁ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟଥର ଅପିଲ କରିଥିଲେ । ଶେଷରେ ଅପିଲକୁ ଗ୍ରହଣ କରି ସୂଚନା କମିଶନଙ୍କ ପକ୍ଷରୁ ଉଭୟ ସୂଚନା ଅଧିକାର କର୍ମୀ ଏବଂ ଜନ ସୂଚନା ଅଧିକାରୀଙ୍କୁ ହାଜର ହେବାକୁ ଚିଠି କରିଥିଲେ । ସୂଚନା କର୍ମୀ ଶ୍ରୀ ମହାନ୍ତି କମିଶନଙ୍କ ନିକଟରେ ହାଜର ହୋଇ ସେ ମାଗିଥିବା ସୂଚନା ତାଙ୍କୁ ପ୍ରାପ୍ତ ହୋଇନଥିବା ଦର୍ଶାଇଥିଲେ । ବାରମ୍ବାର ଚିଠି ଗଲାପରେ ମଧ୍ୟ ଜନସୂଚନା ଅଧିକାରୀ ଏବଂ ଫାଷ୍ଟ ଅପିଲ ଅଧିକାରୀ ଅନୁପସ୍ଥିତ ରହିବାରୁ କମିଶନଙ୍କ ପକ୍ଷରୁ ଉକ୍ତ କେସକୁ ଗୁରୁତର ସହ ନେଇ ସୂଚନା ଆଇନର ଉଲ୍ଲଂଘନ କରିବା ସହିତ ସୂଚନା ପ୍ରଦାନ ନକରିବା ଏବଂ ବାରମ୍ବାର ଚିଠି ମାଧ୍ୟମରେ ଉପସ୍ଥିତ ହେବାକୁ କୁହାଯାଇଥିଲେ ମଧ୍ୟ କୌଣସି ଉତର ଦେଇନଥିଲେ । ଯାହା କୋର୍ଟର ଅବମାନନା ଅନୁଭବ କରି ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ପୌରପାଳିକାର ସମସ୍ତ ସୂଚନା ଆଇନକୁ ଗୁରୁତର ସହ ନେଇ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତୁରନ୍ତ ମାଗିଥିବା ସମସ୍ତ ସୂଚନା ଶ୍ରୀ ମହାନ୍ତିଙ୍କୁ ପ୍ରଦାନ କରିବା ସହ ତାଙ୍କର ସମୟ ନଷ୍ଟ ଏବଂ ଖର୍ଚ୍ଚାନ୍ତ କରିଥିବାରୁ ୧୦ହଜାର ଟଙ୍କା କ୍ଷତିପୂରଣ ୩୦ଦିନ ମଧ୍ୟରେ ତାଙ୍କ ବ୍ୟାଙ୍କ୍ ଏକାଉଣ୍ଟରେ ଜମା କରିବାକୁ ନିର୍ଦ୍ଦେଶ ଜାରୀ କରିଛନ୍ତି ।

ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

॥ ପ୍ରଭାନ୍ୟୁଜ ॥ ଯାଜପୁର ସଦର, ୨୧: ସାପ କାମୁଡ଼ାରେ ଜନୈକ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀ ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଞ୍ଚାୟତ କଚେରୀ ଗାଁର ଭାସ୍କର ମହାନ୍ତି (୬୦) ହୋଇଥିବା ବେଳେ ଅପରାହ୍ନରେ

ଜମିରେ ଚାଷ କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା ବେଳେ ସାପ କାମୁଡ଼ାରେ ଆହତ ହୋଇଥିଲେ । ବିଲରେ କାମ କରୁଥିବା ଚାଷୀ ତାଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ଶରୀର ବ୍ୟବଚ୍ଛେଦ ପରେ ନିଜ ଗାଁକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ କୃପାସିନ୍ଧୁ ମୁଖାଗ୍ନି ଦେଇଥିଲେ । ମୃତ ଭାସ୍କର ଜଣେ କ୍ଷୁଦ୍ର ନାମମାତ୍ର ଚାଷୀ ହୋଇଥିବା ବେଳେ ପରିବାର ଲୋକେ ତାଙ୍କ ଉପରେ ନିର୍ଭରଶୀଳଥିଲେ । ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଧର୍ମଶାଳା ଥାନା ପୂର୍ବ ଅଧିକାରୀଙ୍କ ନାମରେ ଅପରାଧୀକ ମାମଲା ରୁଜୁ

॥ ପ୍ରଭାନ୍ୟୁଜ ॥ ଯାଜପୁର, ୨୧: ଜଣେ ଅଭିଯୋଗକାରୀ ଥାନାରୁ ନ୍ୟାୟ ନପାଇ ଏସପିଙ୍କୁ ଭେଟିବାରୁ ପୂର୍ବତନ ଧର୍ମଶାଳା ଥାନା ଅଧିକାରୀଙ୍କ ସହ ଜଣେ ଏଏସଆଇ ଗାଳିଗୁଳଜ କରିବା ସହ ହାଜତରେ ପୁରାଇ ମାରଧର କରିବା ଭଳି ଅଭିଯୋଗରେ ଅପରାଧିକ ମାମଲା ରୁଜୁ ହୋଇଛି । ଦେବେନ୍ଦ୍ର ରାଉତ୍ ନାମକ ଅଭିଯୋଗକାରୀଙ୍କ ଅଭିଯୋଗ ଫର୍ଦ୍ଦକୁ ଆଧାର କରି ଜେଏମଏଫସି କୋର୍ଟ ଚଣ୍ଡିଖୋଲର ମାନ୍ୟବର ବିଚାରପତି ପରବିନ ମଣ୍ଡଳ ଗତ ୨୪ତାରିଖ ଧର୍ମଶାଳାର ପୂର୍ବତନ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ଏଏସଆଇ ବିଜୟ ସାହୁଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋର୍ଟ ଦଫା ୨୯୪, ୩୨୩, ୩୪୧, ୫୦୬, ୨୨୦, ୩୪ରେ ଅପରାଧିକ ଧାରାରେ ସଜ୍ଞାନକୁ ନେଇ କୋର୍ଟରେ ହାଜର ନିମନ୍ତେ ସମନଜାରୀ କରିଛନ୍ତି । ଅଭିଯୋଗକାରୀ ସମନ କରିବା ପରେ କୋର୍ଟ ହାଜର ନିମନ୍ତେ ସମନଜାରୀ କରିବାର ପ୍ରାବନ୍ଧ ରହିଛି । ପୂର୍ବତନ ଥାନା ଅଧିକାରୀ ଏବଂ ଏଏସଆଇଙ୍କ ବିରୁଦ୍ଧରେ କଣ୍ଟିଗାଡ଼ିଆ ପ୍ରଶାନ୍ତ ରାଉତଙ୍କ ପୁଅ ଦେବେନ୍ଦ୍ର ରାଉତ ଅଭିଯୋଗ କରିଥିଲେ । ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ କି ସେ ତାଙ୍କ ଭଉଣୀ ଘର ବିବାଦକୁ ନେଇ ଥାନାରେ ଅଭିଯୋଗ କରିଥିଲେ । ମାତ୍ର ପୁଲିସ ଅଭିଯୋଗକୁ ଗ୍ରହଣ କରିଥିଲେ ମାମଲା ରୁଜୁ କରିନଥିଲେ । ଏଣୁ ସେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ମାମଲା ରୁଜୁ କରିଥିଲା । ଅଭିଯୋଗ କ୍ରମେ ସେ କିଛି ଫଟୋ ଧରି ଥାନାକୁ ତା୨ ୨।୪।୨୦୨୩ରେ ଥାନାକୁ ଯାଇଥିବା ବେଳେ ଥାନା ଅଧିକାରୀ ଏବଂ ଏଏସଆଇ ତାଙ୍କୁ ଗାଳିଗୁଳଜ କରିବା ସହ ହାଜତରେ ପୁରାଇ ମାଡ଼ ମାରିଥିଲେ । ଅଭିଯୋଗ ଆଧାରରେ କୋର୍ଟ ଏଭଳି ନିର୍ଦ୍ଦେଶ ଦେବା ପରେ ଆଇନର ରକ୍ଷକ ହୋଇ ଭକ୍ଷକ ସାଜିଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି ।

ପାର୍କ କାର୍ଯ୍ୟ ଅନୁଧ୍ୟାନ କଲେ ସହକାରୀ ବନ ସଂରକ୍ଷକ

॥ ପ୍ରଭାନ୍ୟୁଜ ॥ ସୁକିନ୍ଦା, ୨।୯: ପର୍ଯ୍ୟଟନସ୍ଥଳୀ ଅଶୋକଝର ଠାରେ ନିର୍ମାଣଧିନ ବୃହତ ପାର୍କର ସ୍ଥିତି ଅନୁଧ୍ୟାନ କରିଛନ୍ତି କଟକ ବନଖଣ୍ଡ ସହକାରୀ ବନ ସଂରକ୍ଷକ ସୌଭାଗ୍ୟ କୁମାର ସାହୁ । ଜିଲାଖଣିଜ ପାଣ୍ଠି ଅନୁଦାନରେ ନିର୍ମାଣଧିନ ପ୍ରକଳ୍ପ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବନ ସଂରକ୍ଷକ ଶ୍ରୀସାହୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁକିନ୍ଦା ବନବିଭାଗ ଅଧିକାରୀ ବିପିନ ବିହାରୀ ରାଉତରାୟ ଶ୍ରୀସାହୁଙ୍କୁ ପାର୍କ ଅଞ୍ଚଳ ବୁଲାଇ ପରିଦର୍ଶନ କରାଇଥିଲେ ।

ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର;ପରିବାର ଆଣିଲେ ହତ୍ୟା ଅଭିଯୋଗ

॥ ପ୍ରଭାନ୍ୟୁଜ ॥ ଦଶରଥପୁର, ୨।୯: ଶନିବାର ଦଶରଥପୁର ବ୍ଲକ ନିକଟରେ ଥିବା ନାଇସ କମ୍ପୁଟର ସେଣ୍ଟରରୁ ସେଣ୍ଟରର ମାଲିକ ଉମେଶ ଚନ୍ଦ୍ର ଦଳାଇ(୨୨)ଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଭଦ୍ରକ ଜିଲା ଖେଣ୍ଡପୁର ଗ୍ରାମର ମଦନ ଦଳାଇଙ୍କ ପୁଅ ଉମେଶ ନିଜ ମାମୁ ଘର ଝୁମ୍ପୁରୀ ମଠସାହୀରେ ରହି ରାମବାଗ ରିଜିଓନାଲଲ କଲେଜରେ ପାଠ ପଢୁଥିଲେ । ପାଠ ପଢା ପରେ ସେ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ପୂର୍ଣଚନ୍ଦ୍ର ପବ୍ଲିକ ସ୍କୁଲର ତଳ ମହଲାରେ ଅନ୍ୟ ଜଣେ ବନ୍ଧୁଙ୍କ ସହ ମିଶି କମ୍ପୁଟର ସେଣ୍ଟର ଖୋଲି ଶିକ୍ଷା ପ୍ରଦାନ କରୁଥିଲେ । ସବୁଦିନପରି ଆଜି ଉମେଶ ସେଣ୍ଟର ଖୋଲି ଥିଲେ ଏବଂ ମଧ୍ୟାହ୍ନ ୨ଘଟିକା ସମୟରେ ଝୁମ୍ପୁରୀରେ ଏକ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ଭୋଜି ଖାଇ ଫେରିଥିଲେ । ମାତ୍ର ୩ ଘଟିକା ସମୟରେ ସେଣ୍ଟରକୁ ୨ଜଣ ଛାତ୍ର ଆସିଥିବା ବେଳେ ଘର ଖୋଲା ଥିବା ଓ କେହି ନଥିବାର ଦେଖି ଖୋଜାଖୋଜି କରିବାରୁ

କ୍ଲାସରୁମ ମଧ୍ୟରେ ଉମେଶ ଏକ ପଙ୍ଖାରେ ଗାମୁଛାରେ ଝୁଲୁଥିବାର ଦେଖି ଡାକ ପକାଇଥିଲେ । ଖବର ପାଇ ଦଶରଥପୁର ପୁଲିସ ଘଟଣାର ତଦନ୍ତ ପୂର୍ବକ ଶବଟିକୁ ଜବତ କରି ଯାଜପୁର ଜିଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାର ଜଣାଯାଇଛି । ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ଉମେଶଙ୍କ ଶରୀର ଚେୟାର ଉପରେ ସିଧା ଠିଆ ହୋଇଥିବା ବେଳେ ଉକ୍ତ ଘରେ କେତେକ ସ୍ଥାନରେ ରକ୍ତ ଦାଗ ଲାଗିଥିବାର ଦେଖାଯାଇଛି । ସେହିପରି ସେଣ୍ଟରଟି ଭିତର ପଟରୁ ବନ୍ଦ ନରହି ଖୋଲା ଥିବା ବେଳେ ସେଠାରେ ପୂର୍ବରୁ ଲାଗିଥିବା ସିସିଟିଭି କ୍ୟାମେରା ଗାଏବ ଥିବାର ଦେଖାଖାଯାଇଛି । ତେଣୁ ଏଭଳି ଘଟଣାକୁ ଦେଖି ଉମେଶଙ୍କ ମାମୁଁ ଦୟାନିଧି ତାଙ୍କ ଭଣଜାକୁ କେହି ହତ୍ୟା କରିଛି ବୋଲି ଲିଖିତ ଅଭିଯୋଗ କରିବା ପରେ ପୁଲିସ୧୪୯/୨୩ ରେ ମାମଲା ରୁଜୁ କରି ଅଜଣା ବ୍ୟକ୍ତିଙ୍କ ନମରେ ୩୦୨ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବଦ୍ରିକନାଥ ବେହେରା କହିଛନ୍ତି ।

ଜିଲାରେ ୧୭ ଗୋଟି ନୂଆ ମତଦାନ କେନ୍ଦ୍ର ନିରୂପିତ

॥ ପ୍ରଭାନ୍ୟୁଜ୍ ॥ ଯାଜପୁର ଟାଉନ, ୨।୯: ଶନିବାର ଯାଜପୁର ଜିଲାରେ ନୂଆ ମତଦାନ କେନ୍ଦ୍ର ନିରୂପିତ ନିମନ୍ତେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚକ୍ରଧୁର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ଜିଲାର ବିଭିନ୍ନ ରାଜନୈତିକ ଦଳ ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ, ଉପ-ଜିଲାପାଳ ତଥା ଭୋଟର ତାଲିକା ପଞ୍ଜିକରଣ ଅଧିକାରୀ ଗୋପୀନାଥ କୁଣ୍ଡାର, ଡେପୁଟୀ କଲେକ୍ଟର, ନିର୍ବାଚନ କାଜଳ ପ୍ରଧାନ ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଜିଲାପାଳ ଶ୍ରୀ ରାଠୋର ନୂତନ ଭାବେ ଜିଲାରେ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀର ଯେଉଁ ବୁଥ୍ ଗୁଡିକ ୨କିମିରୁ ଅଧିକ ଦୂରତାରେ ଅଛି ଏବଂ ଯେଉଁ ବୁଥ୍ ଗୁଡିକରେ ୧୫୦୦ ରୁ ଅଧିକ ମତଦାତା ଅଛନ୍ତି ସେହିସବୁ ବୁଥ୍ ଗୁଡିକର ମତଦାତାଙ୍କ ସୁବିଧା ନିମନ୍ତେ ଉକ୍ତ ବୁଥ୍ ଗୁଡିକର ସହାୟକ ବୁଥ୍ ମୋଟ ୧୭ ଗୋଟି ନୂତନ ଭାବେ କାର୍ଯ୍ୟକାରିତା ପାଇଁ ସ୍ଥିର କରାଯାଇଛି ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର ଧର୍ମଶାଳା ବ୍ଲକରେ ୫ ଗୋଟି ଯଥା ବୁଥ୍ ନଂ-୮(କ) ପୋଟୁଆ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ବୁଥ୍ ନଂ. ୨୫୫(କ) ଭଗବାନପୁର ଉନ୍ନତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ବୁଥ୍ ନଂ.-୨୭(କ) ମାଁ ତାରିଣୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୨୦୯(କ) ବଳଦେବ ଜୀଉ ନୋଡାଲ ବିଦ୍ୟାପୀଠ, ବୁଥ୍ ନଂ-୯୮(କ) ଗୋପାଳ ଜୀଉ ହାଇସ୍କୁଲ, ମୁରାରୀପୁର ଏବଂ ରସୁଲପୁର ବ୍ଲକର ବୁଥ୍ ନଂ-୧୪୪(କ) ହାଟ ସିଂହପୁର ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଅଟେ । ୫୨-ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକର ବୁଥ୍ ନଂ-୩(କ) ବ୍ରଜ ନଗର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୬୪(କ) ପି.ସି.ବି. ସରକାରୀ ଉଚ୍ଚ ବିଦ୍ୟାଳୟ, ଅଡଙ୍ଗ ପୁରୁଷୋତମପୁର, ବୁଥ୍ ନଂ-୧୨୪(କ) ବିଚିତ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଦଶରଥପୁର ବ୍ଲକର ବୁଥ୍ ନଂ-୧୮୯(କ) ତର୍ପଦା ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୧୭୮(କ) କଟିକଟା ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ । ୫୩-କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍ ନଂ-୬୮(କ) ବରଦା ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୧୫୪(କ) ଗୋଲେଇପୁର ପ୍ରାଥମିକ ବିଦ୍ୟାଳୟ, ରସୁଲପୁର ବ୍ଲକର ବୁଥ୍ ନଂ-୧୯୨(କ) ଦକ୍ଷିଣ ଭୋଟକା ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଅଟେ । ସେହିପରି ୫୪-ସୁକିନ୍ଦା ବିଧାନ ସଭା ନିର୍ବାଚନ ମଣ୍ଡଳୀର ବୁଥ୍ ନଂ-୧୧୬(କ) ପୁବାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନଂ-୨୧୬(କ) ମାରୁତିକର ସରକାରୀ ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଅଟେ । ରାଜନୈତିକ ଦଳମାନେ ଉପରୋକ୍ତ ୧୭ ଗୋଟି ଅତିରିକ୍ତ ମତଦାନ କେନ୍ଦ୍ର ଗୁଡିକ ଉପରେ ଯଦି କିଛି ମତାମତ ବା ଅଭିଯୋଗ ଥାଏ ତେବେ ତାହା ଆସନ୍ତା ଗୁରୁବାର ଅପରାହ୍ନ ୪ ଘଟିକା ସୁଦ୍ଧା ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ରାଜନୈତିକ ଦଳ ସିପିଆଇ(ଏମ୍)ର କର୍ମକର୍ତା ପ୍ରଫୁଲ ନାୟକ, ଜିଲା ବିଜେପି ସାଧାରଣ ସଂପାଦକ ସୁଦୀପ୍ତ କୁମାର ପଣ୍ଡା, ଆମ୍ ଅଦମୀ ପାର୍ଟି ଜିଲା ସଭାପତି ମନୋଜ କୁମାର ମହାନ୍ତି, କଂଗ୍ରେସ ଜିଲା ଉପସଭାପତି ଦୁର୍ଯ୍ୟୋଧନ ବେହେରା, ରାଜନୈତିକ ଦଳ କର୍ମକର୍ତା ଶ୍ରୀ କୈଳାସ ଚନ୍ଦ୍ର ଜେନା, ନିର୍ବାଚନ ଅନୁବିଭାଗ ଅଧିକାରୀ ଅଜୟ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

୧୨ଘଣ୍ଟା ଧରି ଟମକା-ମଙ୍ଗଳପୁର ରାସ୍ତା ଜାମ

ଖଣି ଅଞ୍ଚଳରେ ଯାତାୟାତ ଠପ, ଅଟକି ରହିଲା ଆମ୍ବୁଲାନ୍ସ ଓ ହଜାର ହଜାର ପଥିକ, ନିୟନ୍ତ୍ରଣ କରିବାରେ ବିଫଳ ପୁଲିସ

॥ ପ୍ରଭାନ୍ୟୁଜ ॥ କାଳିଆପାଣି, ୨।୯: ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳରେ ଆଜି ସକାଳ ୭ଘଟିକା ଠାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଟମକା-ମଙ୍ଗଳପୁର ମୁଖ୍ୟ ସଡକରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା । ଟ୍ରକ କବଜାରେ ରହିଥିଲା କୋଇପସି ଛକ ଠାରୁ କାଳିଆପାଣି ହନୁମାନ ବଜାର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା । ଏହି ରାଜ ରାସ୍ତା ମଧ୍ୟରେ ଫସିକି ରହିଲା ଆମ୍ବୁଲାନ୍ସ ଏବଂ ହଜାର ହଜାର ପଥିକ । ଶହ ଶହ ଅମାନିଆ ଟ୍ରକ ରାସ୍ତା ମଧ୍ୟରେ ଆଡ୍ଡା ପକାଇ ରଖିଥିଲେ ମଧ୍ୟ ଆଖି ଦୃଶିଆ ୧୧ଟି ଗାଡିକୁ କଳା ତାଲିକା ଭୁକ୍ତ କରିଛି କାଳିଆପାଣି ପୁଲିସ । ଖଣି ଅଞ୍ଚଳର ଟାଟାରେ ଆଜି ସାପ୍ତାହିକ ହାଟ ଥିବାରୁ ହଜାର ହଜାର ହାଟୋଲ ଏବଂ ପଥିକ କୋଇପସି ପଟରୁ ଟାଟା ନିକଟକୁ ଯିବା ସମୟରେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଫସି ରହିଥିଲେ । ଗୋଟିଏ ପଟେ ବର୍ଷା ଅନ୍ୟପଟେ ରାସ୍ତା ଜାମ । ନା କେହି ଆଗକୁ ଯାଇ ପାରୁଥିଲେ ନା ପଛକୁ । ପ୍ରଚଣ୍ଡ ବର୍ଷାରେ ଭିଜି ଭିଜି ରାସ୍ତା ମଝିରେ ଠିଆ ହୋଇ ରହିବାକୁ ବାଧ୍ୟ ହୋଇଥିଲେ । ଅନ୍ୟପଟେ ଖଣି ଅଞ୍ଚଳରେ ଶନିବାର ସାପ୍ତାହିକ ହାଟ ହେଉଥିବାରୁ ଶତାଧିକ ହାଟୁଆ ହାଟକୁ ନଯାଇ ଫେରି ଯାଇଥିଲେ । ଖଣି ଅଞ୍ଚଳରେ ରାସ୍ତାଜାମ କଥା ଆଜିର ନୁହେଁ ବରଂ ମାସ ମାସ ଧରି ଚାଲି ଆସୁଥିବା ବେଳେ ଆଗାମୀ ଦିନରେ ଏଦିଗରେ ଦୃଷ୍ଟି ନଦେଲେ ରାଜରାସ୍ତାକୁ ଓହ୍ଲେଇବା ପାଇଁ ଚେତାବନୀ ଦେଇଛନ୍ତି ଖଣି ଅଞ୍ଚଳବାସୀ ।

Affidavit

By virtue of an affidavit bearing A.F.NO. 1498 did. 01.09.2023 before Executive Magistrate, Bhadrak declare that my name change from Sanju Samal to Ranjulata Samal and I am known as Ranjulata Samal in all official and unoffic